# ଲୋକାର୍ପିତ ହେଲା ୮୯.୬ ଏଫ୍‌ଏମ୍

# ସତ୍ୟର ସ୍ୱର ପ୍ରସାରଣ କରିବ ରେଡିଓ ସର୍ବୋଦୟ

ଅନୁଗୋଳ,୨୪।୧(ମାନସ ବିଶ୍ୱାଳ)

ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଗାନ୍ଧିବାଦୀ ସଙ୍ଗଠନ ଉତ୍କଳ ଗାନ୍ଧୀ ସ୍ମାରକ ନିଧି ପକ୍ଷରୁ ଏକ ଗୋଷ୍ଠୀ ବେତାର କେନ୍ଦ୍ର ୮୯.୬ ଏଫ୍‌ଏମ୍ ରେଡିଓ ସର୍ବୋଦୟ ଶୁକ୍ରବାର ଅନୁଗୋଳ ବାଜି ରାଉତ ଛାତ୍ରାବାସ ପରିସରରେ ଲୋକାର୍ପିତ ହୋଇଯାଇଛି। ଏହାକୁ ଲୋକାର୍ପଣ କରି ଦେଶର ବିଶିଷ୍ଟ ଗାନ୍ଧିବାଦୀ ତଥା କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ଅଧ୍ୟକ୍ଷ ରାମଚନ୍ଦ୍ର ରାହୀ କହିଲେ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀଙ୍କ ଐତିହାସିକ ବାଜି ରାଉତ ଛାତ୍ରାବାସ ପରିସରରେ ସର୍ବୋଦୟ ରେଡିଓର ଶୁଭାରମ୍ଭ ଅତ୍ୟନ୍ତ ଆନନ୍ଦର ବିଷୟ। ଆଜାଦ ରେଡିଓ ୧୯୪୨ ମସିହାରେ ଉଷା ମେହେଟ୍ଟାଙ୍କ ଦାୟିତ୍ୱରେ ଆରମ୍ଭ ହୋଇଥିଲା, ଯାହାର ପ୍ରତିଷ୍ଠା ଡ. ରାମ ମନୋହର ଲୋହିଆ ଏବଂ ଲୋକନାୟକ ଜୟପ୍ରକାଶ ନାରାୟଣ କରିଥିଲେ। ଦେଶବାସୀଙ୍କ ନିକଟରେ ସ୍ୱାଧୀନତା ଆନ୍ଦୋଳନର ବାର୍ତ୍ତା ପହଞ୍ଚାଇବା ପାଇଁ ଆଜାଦ ରେଡିଓ ପ୍ରସାରଣ ବ୍ୟବହୃତ ହେଉଥିଲା। ୧୯୪୮ ମସିହାରେ ଗାନ୍ଧୀଜୀଙ୍କ ହତ୍ୟା ବେଳେ ସେ ପଞ୍ଚମ ଶ୍ରେଣୀର ଛାତ୍ର ଥିଲେ। ସେତେବେଳେ ସୂଚନାର ଏକମାତ୍ର ମାଧ୍ୟମ ଥିଲା ରେଡିଓ। ସେ ଓ ତାଙ୍କ ଗ୍ରାମବାସୀ ରେଡିଓରେ ଗାନ୍ଧୀଜୀଙ୍କ ଅନ୍ତିମ ସଂସ୍କାରର ସିଧା ପ୍ରସାରଣ ଶୁଣିଥିଲେ। ବର୍ତ୍ତମାନ ଯେତେବେଳେ ଲୋକଙ୍କ ସ୍ୱରକୁ ଚାପି ଦେବା ପାଇଁ ବିଭିନ୍ନ ପ୍ରୟାସ ଚାଲିଛି, ସେତେବେଳେ ଏହି ନୂଆ ରେଡିଓ ଲୋକଙ୍କ ସ୍ୱର ହେବ ବୋଲି ବିଶିଷ୍ଟ ଗାନ୍ଧିବାଦୀ ରାମଚନ୍ଦ୍ର ରାହୀ ପ୍ରକାଶ କରିଥିଲେ।

ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ବେତାର କେନ୍ଦ୍ର ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏମ.ଏ. ସାହା ଅନସାରୀ ଯୋଗଦେଇ ରେଡଓ ସର୍ବୋଦୟ ଅନୁଗୋଳବାସୀଙ୍କ ରକ୍ଷା କବଚ ପାଲଟିବ ବୋଲି ଆଶାବ୍ୟକ୍ତ କରିଥିଲେ। ଅନୁଗୋଳ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ରେଡିଓ ସର୍ବୋଦୟର ଶୁଭାରମ୍ଭ କରି ଅନୁଗୋଳରେ ଆର୍ଥିକ ସମତା ଓ ପରିବେଶ ସୁରକ୍ଷା ଦିଗରେ ଏହା କାର୍ଯ୍ୟ କରୁ ବୋଲି ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ, ରଙ୍ଗବତୀ ସଙ୍ଗୀତର ଗାୟକ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଏସ. ଏ. ସଫିକ, ସୁବ୍ରତ ପତି, ଶିଶିର ଶତପଥୀ ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବକୁ ରେଡିଓ ସର୍ବୋଦୟର ନିର୍ଦ୍ଦେଶକ ଡ. ବିଶ୍ୱଜିତ୍ ସଞ୍ଚାଳନ କରିଥିବା ବେଳେ ସୂର୍ଯ୍ୟ ନାରାୟଣ ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଗାନ୍ଧୀ ସ୍ମାରକ ନିଧିର କାର୍ଯ୍ୟକାରୀ ସଭାପତି ଡ. ସତ୍ୟ ରାୟ ସଭାପତିତ୍ୱ କରିଥିବା ବେଳେ ଗାନ୍ଧୀ ସ୍ମାରକ ନିଧି ସମ୍ପାଦକ ଜୟନ୍ତ କୁମାର ଦାସ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ମନୋରଞ୍ଜନ ମହାନ୍ତି, ଛାତ୍ରାବାସ ସଭାପତି ଶୈଳଜ ରବି, ପ୍ରଫେସର ନନ୍ଦ କିଶୋର ମହାକୁଡ଼, ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, କୈଳାଶ ଚନ୍ଦ୍ର ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ମାନସ ପଟ୍ଟନାୟକ ରେଡିଓ ସଞ୍ଚାଳନା କରିଥିବା ବେଳେ ସୁଜାତା ପ୍ରୀତିନନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଗୋଳ ଜିଲାର ବରିଷ୍ଠ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧନେଶ୍ୱର ସାହୁ, ଅନ୍ତର୍ଯ୍ୟାମୀ ବରାଳ, ଆଦ୍ୟଶ୍ଳୋକ ମିଶ୍ର, କିଶୋର ଶତପଥୀ, ଛୋଟରାୟ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।



ରେଡିଓ ସର୍ବୋଦୟ ଲୋକାର୍ପଣ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

# ଉତ୍ତମ ଶିକ୍ଷା, ସଂସ୍କାର ଦିଏ ଶିଶୁମନ୍ଦିର


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଛେଣ୍ଡିପଦା,୨୪।୧(ଅଜିତ ଧଳ)

ଛେଣ୍ଡିପଦା ସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହେଇଯାଇଛି। ବିଦ୍ୟାମନ୍ଦିର ସଭାପତିରମେଶ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ମୁଖ୍ୟବକ୍ତା ଭାବେ ଚିତ୍ତରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ପ୍ରଧାନ ଗୁରୁଜୀ ବାସୁଦେବ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ସହ ପ୍ରଧାନ ଆଚାର୍ଯ୍ୟ ଜିତେନ୍ଦ୍ର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ବେହେରା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କୁ ସ୍ମରଣ କରିବା ସହ ଶିଶୁମନ୍ଦିର ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ଓ ସଂସ୍କାର ଦେଇଥାଏ ବୋଲି କହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟି ସମ୍ପାଦକ ସୁଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଗୁରୁମା, ଗୁରୁଜୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ବଇଣ୍ଡା,୨୪।୧(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଧରଣୀଧର ପବ୍ଲିକ ସ୍କୁଲରେ ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରାୟ ୨୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବାବେଳେ ବିଭିନ୍ନ ପ୍ରକାର କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ପ୍ରିନ୍ସିପାଲ ନବୀନ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ସଭାପତି ପ୍ରିୟରଞ୍ଜନ ସାହୁ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ସୁଶାନ୍ତ କୁମାର ଦେ, ହିମାଂଶୁ ସାହୁ, ମାନସ କୁମାର ସାଥୁଆ, ଦେବାଶିଷ ସାହୁ, ଅଜିତ ବିଶ୍ୱାଳ, ହିମାଂଶୁ ସାହୁ, ଅଳକା ଦେହୁରୀ, ସମା କୁରେଶୀ, ସୌରଭ ମହାନ୍ତି, ରତ୍ନମଞ୍ଜରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଦୌଡ଼, ଉଚ୍ଚଡିଆଁ, ଶଟ୍‌ପୁଟ୍ ଭଳି ଅନେକ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ।


ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ଅବସରରେ ଅତିଥିମାନେ।

# ଶିକ୍ଷାର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଉ


ଅତିଥିଙ୍କ ସହ ପ୍ରମାଣପତ୍ର ପାଇଥିବା କୃତୀ ପ୍ରତିଯୋଗୀମାନେ।

ବଇଣ୍ଡା,୨୪।୧(ପରିକ୍ଷିତ ସାହୁ)

ଯେଉଁ ଅଞ୍ଚଳରେ ଶିକ୍ଷାର ବୃଦ୍ଧି ହେଉଛି ସେହି ଅଞ୍ଚଳର ବିକାଶ ହେଉଛି। ତେଣୁ ଶିକ୍ଷାର ବିକାଶ ଉପରେ ଶିକ୍ଷକ ସମାଜ ଅଧିକ ଗୁରୁତ୍ୱ ଦିଅନ୍ତୁ ବୋଲି ବୁଧବାର କିଶୋରନଗର ବ୍ଲକ ଫୁଲାମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଆଶୁତୋଷ ଲୋକନାଥ ଘଡ଼େଇ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ସାହୁ, ଅନ୍ୟତମ ଅତିଥି ଭାବେ ଆଇନଜୀବୀ କୁମୁଦ ଚନ୍ଦ୍ର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମଣ କୁମାର ପ୍ରଧାନ, ପୁରାତନ ଛାତ୍ର ସଂସଦ ସଭାପତି ଜଗଦୀଶ ନାୟକ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଅଞ୍ଜନା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଶିକ୍ଷକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବସନ୍ତ କୁମାର ବିଶ୍ୱାଳ, ଶିବରାମ ସାହୁ, ଘାସିନାଥ ସେଠୀ, ସୁବଳ ଭୂତିଆ, ନୀହାର ରଞ୍ଜନ ଦେଓ, ଧରଣୀଧର ସେଠୀ, ଶୁଭଶ୍ରୀ ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ଶତବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଅନୁଗୋଳ,୨୪।୧(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ସର୍ବପୁରାତନ ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ ପାଳନ ନିମନ୍ତେ ପୁରାତନ ଛାତ୍ରଙ୍କ ଦ୍ୱାରା ଏକ ପ୍ରସ୍ତୁତି ବୈଠକ ଗୁରୁବାର ଆୟଜିତ ହୋଇଯାଇଛି। ଆସନ୍ତା ଫେବୃଆରୀ ୬ ତାରିଖରେ ଏ ନେଇ ପ୍ରଥମ ବୈଠକ ଅନୁଷ୍ଠିତ ହେବ। ଶତ ବାର୍ଷିକ ସମାରୋହ ପାଳନ ନିମନ୍ତେ ବୈଂକରେ ବିସ୍ତୃତ ଆଲୋଚନା କରାଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଯୋଗାଯୋଗ ପାଇଁ ରବୀନ୍ଦ୍ର କୁମାର ମହାରଣା, ଦିଲୀପ କୁମାର ଦାସ, ସୁଶାନ୍ତ କୁମାର ତ୍ରିପାଠୀଙ୍କ ସହ ସମ୍ପର୍କ କରିବାକୁ କୁହାଯାଇଛି। ଉକ୍ତ ବୈଠକରେ ପୁରାତନ ଛାତ୍ର ବିଜୟ କୁମାର ମୋଦି, ଡା. ତ୍ରିଲୋଚନ ପ୍ରଧାନ, ରବୀନ୍ଦ୍ର କୁମାର ମହାରଣା, ସ୍ମୃତି ରଞ୍ଜନ ଦାଶ, ଦିଲୀପ କୁମାର ଦାସ, ଡା. ନାରାୟଣ ପ୍ରସାଦ ମୋଦି, ପ୍ରାକ୍ତନ ଶିକ୍ଷକ ପ୍ୟାରୀ ମୋହନ ରାଉତ, ପ୍ରଧାନ ଶିକ୍ଷକ ପ୍ରିୟବ୍ରତ ମାଝୀ, ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ତଥା ପରିଚାଳନା କମିଟି ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।


ପୁରାତନ ଛାତ୍ରଙ୍କ ପ୍ରାକ୍ ପ୍ରସ୍ତୁତି ବୈଠକ।

# ଖେଳକୁଦ ଶାରୀରିକ ବିକାଶ କରେ

ଅନୁଗୋଳ,୨୪।୧(ମାନସ ବିଶ୍ୱାଳ)

ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିରୋଦ କୁମାର ସେନାପତି ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସରପଞ୍ଚ ପ୍ରକାଶ ଚନ୍ଦ୍ର ଦେହୁରୀ ଯୋଗଦେଇ ଖେଳକୁଦ ଦ୍ୱାରା ଛାତ୍ରୀଛାତ୍ରଙ୍କ ଶାରୀରିକ, ମାନସିକ ବିକାଶ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପୁରାତନ ଛାତ୍ର କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସିଂହ ସାମନ୍ତ ଯୋଗଦେଇ ନିୟମିତ ବିଦ୍ୟାଳୟ ଆସିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ରାଜ କିଶୋର ଦାସ, ବରିଷ୍ଠ ସଦସ୍ୟ ଦାମୋଦର ଦାସ, ତ୍ରେତାନନ୍ଦ ସାମନ୍ତ, ସିଆରସିସି ବିନୋଦ କୁମାର ଭୋଇ, ପରିଚାଳନା କମିଟି ସଭାପତି ଅନିଲ କୁମାର ବେହେରା ଓ ପରିଚାଳନା କମିଟି ସଦସ୍ୟ ମଞ୍ଚାସୀନ ଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ରଞ୍ଜିତାରାଣୀ ପଣ୍ଡା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ ଏବଂ ଶିକ୍ଷୟିତ୍ରୀ ନିରୁପମା ସାହୁ, ବବିତା ସାହୁ, ବିନୋଦିନୀ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ମାରପିଟ ଅଭିଯୋଗରେ ଜଣେ ଗିରଫ

ଛେଣ୍ଡିପଦା,୨୪।୧ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ହାତୀଆନାଳି ଗାଁରେ ମାରପିଟ ଅଭିଯୋଗରେ ପୋଲିସ ସେହି ଗାଁର ଗୋବର୍ଦ୍ଧନ ମାଝୀଙ୍କୁ ଗିରଫ କରିଛି। ପୋଲିସ କହିଛି, ଗୋବର୍ଦ୍ଧନଙ୍କ ସ୍ତ୍ରୀ କନକ ମାଝୀ ଘରେ ରୋଷେଇ କରୁଥିବା ବେଳେ ଗୋବର୍ଦ୍ଧନ ମଦ୍ୟପାନ କରି ଗାଳି ଗୁଲଜ କରିଥିଲେ। କନକ ପ୍ରତିବାଦ କରିବାରୁ ଗୋବର୍ଦ୍ଧନ ଶାବଳରେ ତାଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ମା' ପ୍ରତିବାଦ କରିବାରୁ ଗୋବର୍ଦ୍ଧନ ତାଙ୍କୁ ମାରିଦେବା ପାଇଁ ଉଦ୍ୟମ କରୁଥିବା ବେଳେ ସାନଭାଇ ଭୁବନ ଶାବଳ ଛଡ଼ାଇ ନେଇଥିଲେ। ଏହି ସମୟରେ ଶାବଳ ବାଜି ଭୁବନ ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ଗୋବର୍ଦ୍ଧନଙ୍କ ସ୍ତ୍ରୀ କନକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୨/୨୫ରେ ମାମଲା ରୁଜୁ କରି ଗୋବର୍ଦ୍ଧନଙ୍କୁ ଗିରଫ କରିଛି।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ତାଳଚେର,୨୪।୧(ମନୋଜ ନନ୍ଦ)

ତାଳଚେର ଶିଳ୍ପାଞ୍ଚଳ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଉଚ୍ଚ ମାଧ୍ୟମିକ କଲେଜ ଅଧକ୍ଷା ଶିବାନୀ ମହାପାତ୍ର ଯୋଗଦେଇ ଛାତ୍ରୀମାନଙ୍କ ପାଇଁ ଏହି ପ୍ରଶିକ୍ଷଣ କାହିଁକି ଜରୁରୀ ତାହା ବୁଝାଇଥିଲେ। ମୁଖ୍ୟଅତିଥି ଭାବେ ଯୁକ୍ତ ୩ କଲେଜ ଅଧକ୍ଷ ଭୀମସେନ ଦେହୁରୀ ଯୋଗଦେଇ ନିଜକୁ ସୁରକ୍ଷା ଦେବାକୁ ହେଲେ ଆତ୍ମରକ୍ଷା କୌଶଳ ଛାତ୍ରୀମାନେ ଶିଖିବା ଦରକାର ବୋଲି କହିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସୁଷମା ମଞ୍ଜରୀ ଦାସ ଶିବିର ପରିଚାଳନା କରିଥିଲେ। ପ୍ରଶିକ୍ଷିକା ଭାବେ ଯୋଗଦେଇ ରିମା କୁମାରୀ ଓ ଶୁଭଶ୍ରୀ ଭୂତିଆ ଆତ୍ମରକ୍ଷା ତାଲିମ ପ୍ରଦାନ କରିଥିଲେ। ଅର୍ଥନୀତି ବିଭାଗ ଅଧ୍ୟାପିକା ରଶ୍ମିରେଖା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।


ଉଦ୍‌ଯାପନୀ ଅବସରରେ ପ୍ରମାଣପତ୍ର ପାଇଥିବା ଛାତ୍ରୀମାନଙ୍କ ସହ ଅତିଥିମାନେ।

# ଗୋରୁଗାଡ଼ି ଜବତ, ୨ ଅଟକ

ଢେଙ୍କାନାଳ,୨୪।୧(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଗୋପବନ୍ଧୁ ବଜାର ଅଞ୍ଚଳରୁ ଶୁକ୍ରବାର ସନ୍ଧ୍ୟାରେ ବଜରଙ୍ଗ ଦଳ ପକ୍ଷରୁ ଏକ ଗୋରୁ ଗାଡିକୁ ଜବତ କରାଯାଇଛି । ଏକ ପିକ୍‌ଅପ୍ ଭ୍ୟାନରୁ ଦୁଇଟି ଗୋରୁଙ୍କୁ ଉଦ୍ଧାର କରିବା ସହିତ ଦୁଇଜଣଙ୍କୁ ଅଟକ ରଖି ସମସ୍ତଙ୍କୁ ଟାଉନ ଥାନା ପୋଲିସ ଜିମାରେ ଦିଆଯାଇଛି । ଭୁବନ ଥାନା ମହୁଲପାଳ ଅଞ୍ଚଳର ଦୁଇଜଣ ଏକ ପିକ୍‌ଅପ୍ ଭ୍ୟାନରେ ଗୋରୁ ନେଇ ଯାଉଥିବା ବେଳେ ବଜରଙ୍ଗ କ୍ଲବ ସଦସ୍ୟମାନେ ସେମାନଙ୍କୁ ମାଡ଼ି ବସିଥିଲେ । ଅନ୍ୟଜଣେ ଏହି ଘଟଣାରେ ଫେରାର ହୋଇଯାଇଥିଲେ । ବଜରଙ୍ଗ ଦଳ ପକ୍ଷରୁ ଏ ସଂକ୍ରାନ୍ତରେ ଟାଉନ ଥାନାରେ ଅଭିଯୋଗ ହୋଇଛି ।


ଗୋରୁ ଚାଲାଣ ଅଭିଯୋଗରେ ଅଟକ ଥିବା ୨ ବ୍ୟକ୍ତି।

# ମହିମାଗାଦି ବ୍ଲକ ଗଠନ ଦାବି ଜୋରଧରିଲା

## ରାଜ୍ୟ ଭାଜପା ସଭାପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଢେଙ୍କାନାଳ,୨୪।୧(ରତନ ନାୟାର)

ଢେଙ୍କାନାଳ ଜିଲା ବିଶ୍ୱ ପ୍ରସିଦ୍ଧ ମହିମାଗାଦୀ ଯୋରନ୍ଦାଠାରେ ମହିମାଗାଦୀ ବ୍ଲକ ଗଠନ ପାଇଁ ଦାବି ଜୋର ଧରିଛି । ମହିମାଗାଦୀ ଚତୁପାର୍ଶ୍ୱରେ ଥିବା ୧୫ରୁ ଊର୍ଦ୍ଧ୍ୱ ଗ୍ରାମ ପଞ୍ଚାୟତର କେନ୍ଦ୍ରସ୍ଥଳି ଯୋରନ୍ଦାଠାରେ ମହିମାଗାଦୀ ବ୍ଲକ ଗଠନ ପାଇଁ ଶୁକ୍ରବାର ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ରାଜ୍ୟ ଭାଜପା ଉପସଭାପତି ଗୋଲକ ମହାପାତ୍ରଙ୍କୁ ଭୁବନେଶ୍ୱରଠାରେ ମହିମା ଆଞ୍ଚଳିକ ବିକାଶ ପରିଷଦର ସଂଯୋଜକ ସୁଧାଂଶୁ ଶେଖର ରାଉତ ପ୍ରଦାନ କରିଥିଲେ । ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ହେବ ଯୋରନ୍ଦା ବ୍ଲକ ଗଠନ ପାଇଁ ଦାବି ହୋଇଆସୁଛି । ରାଜନୈତିକ ଛକାପଞ୍ଝା ମଧ୍ୟରେ ଅଞ୍ଚଳବାସୀଙ୍କ ଏହି ଦାବି ପୂରଣ ହୋଇପାରୁନାହିଁ । ତେଣୁ ଅଞ୍ଚଳର ନ୍ୟାର୍ଯ୍ୟ ଦାବି ହାସଲ କରିବା ପାଇଁ ଅଞ୍ଚଳବାସୀ ଏକହୋଇ ସରକାରଙ୍କୁ ନିବେଦନ କରିଛନ୍ତି । ଗତ ୧୨ ତାରିଖ ଦିନ ଯୋରନ୍ଦା ଠାରେ ଢେଙ୍କାନାଳ ବିଧାୟକ ତଥା ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ପ୍ରସ୍ତାବିତ ମହିମାଗାଦୀ ବ୍ଲକ ଗଠନ ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ମହାମାଗାଦୀ ଆଞ୍ଚଳିକ ବିକାଶ ପରିଷଦ, ମହିମା ଧର୍ମଧାମ ବିକାଶ ପରିଷଦ ଓ ମହିମା ସମାଜ ସାଧୁସନ୍ଥ ଓ ଯୋରନ୍ଦା ଗ୍ରାମପଞ୍ଚାୟତ ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା । ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ୨୦୦୯ରେ ରାଜସ୍ୱ ମନ୍ତ୍ରୀ ଥିବା ବେଳେ ମହିମାଗାଦୀରେ ସରକାରଙ୍କ ଅର୍ଥରେ ବିକାଶ କାର୍ଯ୍ୟ ଶୁଭାରମ୍ଭ ହୋଇଥିଲା ବୋଲି ସୂଚନା ଦିଆଯାଇଛି ।


ମହିମାଗାଦି ବ୍ଲକ ଗଠନ ଦାବିରେ ରାଜ୍ୟ ଭାଜପା ଉପସଭାପତି ଗୋଲକ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ।

# ରିଜିଓନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ସାତମାଇଲ, ୨୪।୧ (ସୁଶାନ୍ତ ପତି)

ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ଏନଏସି ସ୍ଥିତ ରିଜିଓନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କୁ ନେଇ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ବରୁଣ ଚନ୍ଦ୍ର ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜିତ ଅମାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେଇ ନିଜର ତଥା ସମାଜର କଲ୍ୟାଣ ପାଇଁ ନିଜକୁ ସମର୍ପଣ କରି ଉଦାହରଣ ସୃଷ୍ଟି କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ମାଷ୍ଟର ଟ୍ରେନର ଭାବେ ମଧୁସ୍ମିତା ଜେନା ଓ ସ୍ମୃତି ଭୋଇ ବିଦ୍ୟାଳୟର ୧୨୦ଜଣ ଛାତ୍ରୀଙ୍କୁ ପର୍ଯ୍ୟାୟ କ୍ରମେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଶିକ୍ଷଣ ନେଇଥିବା ସମସ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।



ପ୍ରମାଣପତ୍ର ପାଇଥିବା ଛାତ୍ରୀମାନେ।

## ୧୧ତମ ଶ୍ରୀସାଇ ସତ୍‌ଚରିତ ପାରାୟଣ

**ଢେଙ୍କାନାଳ,୨୪।୧(ରତନ ନାୟାର)**

ଢେଙ୍କାନାଳ ସହର କାରିଗର ସାହିସ୍ଥିତ ଅଭିନନ୍ଦନ ଗାର୍ଡେନଠାରେ ଶ୍ରୀସାଇ ସତ୍‌ଚରିତ ପାରାୟଣ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପ୍ରାୟ ୨୦୦ରୁ ଅଧିକ ଭକ୍ତ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଭାବେ ଡିପିଏସ୍‌ର ନିର୍ଦ୍ଦେଶକ ଲଗ୍ନଜିତ୍ ଦାସ ଯୋଗ ଦେଇଥିଲେ । ସମାଜସେବୀ ମଧୁସ୍ମିତା ପୃଷ୍ଟିଙ୍କୁ ସେବାରତ୍ନ ଉପାଧିରେ ସମ୍ମାନିତ କରାଯାଇଥିଲା । ଢେଙ୍କାନାଳର କୁନି ପ୍ରତିଭା ଭାରୋତ୍ତୋଳକ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରୀତିସ୍ମିତା ଭୋଇଙ୍କୁ ପ୍ରତିଭାରତ୍ନ ଉପାଧିରେ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ପୁରୋଧା ଶୁଭାନ୍ୱେଶ ରଥ, ଶୁଭଶ୍ରୀ ମିଶ୍ରଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରମୋଦ କୁମାର ମହାପାତ୍ରଙ୍କ ରଚିତ ସାଇମନ୍ତ୍ର ଓ ସାଇ ଲୀଳାମୃତ ପଦ୍ୟ ଆକାରରେ ରଚିତ ପୁସ୍ତକ ଉନ୍ମୋଚନ ହୋଇଥିଲା । ଓଡ଼ିଶାର କଣ୍ଠଶିଳ୍ପୀ ମୀନାକ୍ଷୀ ରଥ, ରବି ମହାପାତ୍ର, ପଦ୍ମାବତୀ ସାହୁ ଓ ପ୍ରମୋଦ କୁମାର ମହାପାତ୍ରଙ୍କ ଭଜନ ପରିବେଷିତ ହୋଇଥିଲା ।

# କାର୍ଯ୍ୟରତ ମିଟର ରିଡରଙ୍କ ମୃତ୍ୟୁ

### କ୍ଷତିପୂରଣ ଦାବିରେ ଧାରଣା

**ଢେଙ୍କାନାଳ,୨୪।୧(ରତନ ନାୟାର)**



ମୃତଦେହ ରଖି କ୍ଷତିପୂରଣ ଦାବିରେ ଧାରଣାଦିଆଯାଇଛି ।

ଢେଙ୍କାନାଳ ଜିଲା ଖଜୁରିଆକଟା ବିଦ୍ୟୁତ ସେକ୍ସନ ଅଧିନସ୍ଥ ଗଣ୍ଡାନାଳୀ ଗ୍ରାମରେ ମିଟର ରିଡିଂ କରୁଥିବା ବେଳେ ଗୁରୁବାର ମିଟର ରିଡର ପ୍ରଫୁଲ୍ଲ କୁମାର ରାଉତ(୫୫) ହଠାତ୍ ଅସ୍ୱାଭାବିକ ଅନୁଭବ କରିଥିଲେ ଏବଂ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତାଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯିବା ପରେ ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ଶୁକ୍ରବାର ତାଙ୍କର ମୃତଦେହ ବ୍ୟବଚ୍ଛେଦ ପରେ ମୃତ ମିଟର ରିଡରଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଭାରତୀୟ ମଜଦୁର ସଂଘ ଅନୁବନ୍ଧିକ ନିଖିଳ ଓଡ଼ିଶା ବିଦ୍ୟୁତ ମହାସଂଘ ପକ୍ଷରୁ କଲେଜ ବାଇପାସ ସ୍ଥିତ ଟିପିସିଓଡିଏଲ୍ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହକୁ ରଖି ଧାରଣା ପ୍ରଦାନ କରାଯାଇଥିଲା । ମୃତକଙ୍କ ପରିବାରର ଜଣଙ୍କୁ ତୁରନ୍ତ ଚାକିରି ପ୍ରଦାନ, କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କରିଥିବାରୁ ୧୫ଲକ୍ଷ କ୍ଷତିପୂରଣ ପ୍ରଦାନ, ଅନ୍ତେଷ୍ଟିକ୍ରିୟା ପାଇଁ ୪୫ହଜାର ଟଙ୍କା ପ୍ରଦାନ, ମୃତକଙ୍କ ପତ୍ନୀଙ୍କୁ ଇପିଏଫ୍ ବ୍ୟବସ୍ଥାରେ ପେନସନ ପ୍ରଦାନ ଆଦି ଦାବିରେ ଧାରଣା ପ୍ରଦାନ କରାଯାଇଥିଲା । ଭାରତୀୟ ମଜଦୁର ସଂଘ ଜିଲା ପ୍ରଭାରୀ ଶ୍ରୀନିବାସ ଖୁଣ୍ଟିଆ, ରାଜ୍ୟ ବିଦ୍ୟୁତ ସଂଘ ସମ୍ପାଦକ ସତ୍ୟବ୍ରତ ପରିଡା, ଠିକା ମଜଦୁର ସଂଘ ସଭାପତି ମଳୟ ପରିଡା, ସ୍ଥାନୀୟ ସର୍କଲ ସମ୍ପାଦକ ଚନ୍ଦ୍ରଶେଖର ଶତପଥୀ ପ୍ରମୁଖଙ୍କ ନେତୃତ୍ୱରେ ଏହି ଧାରଣା ପ୍ରଦାନ କରାଯାଇଥିଲା । ଖବରପାଇ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଁଚି ଧାରଣାକାରୀମାନଙ୍କୁ ବୁଝାଇବା ସହ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ମଧ କରିଥିଲେ । ପରେ ଟିପିସିଓଡିଏଲ୍ ମୁଖ୍ୟ ସୁଜିତ କୁମାର ସାହୁ, ସର୍କଲ ମୁଖ୍ୟ ବିଶ୍ୱନାଥ ଖୁଣ୍ଟିଆ ପ୍ରମୁଖ ପୋଲିସ ଉପସ୍ଥିତିରେ ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ପରେ ଉପରୋକ୍ତ ଦାବିଗୁଡିକ ପୂରଣ ପାଇଁ କର୍ତ୍ତୃପକ୍ଷ ରାଜି ହୋଇଥିବା ଭାରତୀୟ ମଜଦୁର ଜିଲା ପ୍ରଭାରୀ ଶ୍ରୀନିବାସ ଖୁଣ୍ଟିଆ ଏକ ପ୍ରେସ୍ ବିଜ୍ଞପ୍ତି ମାଧମରେ ଜଣାଇଛନ୍ତି ।

## ନିଶ୍ୱାର୍ଡ ପକ୍ଷରୁ ନେତାଜୀ ଜୟନ୍ତୀ, ପରାକ୍ରମ ଦିବସ



**ଢେଙ୍କାନାଳ,୨୪।୧(ରତନ ନାୟାର)**

ଢେଙ୍କାନାଳ ଜିଲାର ଓଡ଼ାପଡ଼ା ବ୍ଲକ୍ ସିମିନଇ ପଞ୍ଚାୟତ ସମ୍ମିଳନୀ କକ୍ଷରେ ନେହେରୁ ଯୁବକେନ୍ଦ୍ର ସଂଗଠନ ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ ନିଶ୍ୱାର୍ଡ ମିଳିତ ଆନୁକୂଲ୍ୟରେ ନେତାଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡଙ୍ଗୀଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ଟାଟା ଷ୍ଟିଲ୍ ଲିଃ. ମେରାମୁଣ୍ଡଳୀର ସାମାଜିକ ଦାୟିତ୍ୱବୋଧ ସଂସ୍ଥାର ମୁଖ୍ୟ ଆଶୁତୋଷ ଦାସଙ୍କ ଉପସ୍ଥିତିରେ ନେତାଜୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସମାଜସେବୀ ସରୋଜ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ସିମିନଇ ସରପଞ୍ଚ ଅଜିତ୍ କୁମାର ସିଂ ବୀରପୁରୁଷଙ୍କ ମାତୃଭୂମି ଓ ମାତୃଭାଷା ପାଇଁ ଯେଉଁ ବଳିଦାନ ରହିଛି ତାହା ଉପରେ ମତବ୍ୟକ୍ତ ରଖିଥିଲେ । ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ସ୍ୱାଇଁ, ସମାଜସେବୀ ଅଶୋକ କୁମାର ଦାସ ଉପସ୍ଥିତ ଥିଲେ । ସ୍ଥାନୀୟ ଯୁବକମାନଙ୍କ ମଧ୍ୟରେ ନେତାଜୀଙ୍କ ସଂପର୍କିତ ପ୍ରଶ୍ନୋତର ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ଇନ୍ଦ୍ରଜିତ୍ ମହାରଣା, ରାକେଶ କୁମାର ରାଉତ, ଅଂଶୁମାନ୍ ନନ୍ଦ ପ୍ରମୁଖ ଯୁବକମାନେ ଅଂଶଗ୍ରହଣ କରିଥିଲେ । ସଦସ୍ୟ ଜଗବନ୍ଧୁ ସ୍ୱାଇଁ ପରିଚାଳନା କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର



ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ଛାତ୍ରୀମାନେ ।

**ଢେଙ୍କାନାଳ,୨୪।୧(ରତନ ନାୟାର)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ୍ ପାରିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୬ ତାରିଖଠାରୁ ଆରମ୍ଭ ହୋଇଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ୧୫ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ଅନୁଷ୍ଠାନର ଅଧକ୍ଷା କଳ୍ପନା ମଞ୍ଜରୀ ପ୍ରଦାନ ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପ୍ରାୟ ୧୫୧ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ସରୋଜ କୁମାର ରାଉତ ସଭାକୁ ପରିଚାଳନା କରିଥିବାବେଳେ ଅଧାପକ ବିଭୁଧେନ୍ଦୁ ପ୍ରଧାନ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ଅଧାପକ ଦେବୀପ୍ରସାଦ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଶିକ୍ଷିକା ପୂଜାରିଣୀ ସେନାପତି ଛାତ୍ରୀମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ। ପରିଶେଷରେ ଛାତ୍ରୀମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଯୋଗ ମହୋତ୍ସବ ସମିତିର ବାର୍ଷିକ ଯୋଜନା ବୈଠକ

**ଢେଙ୍କାନାଳ,୨୪।୧(ରତନ ନାୟାର)**



ଢେଙ୍କାନାଳ ଯୋଗ ମହୋତ୍ସବ ସମିତିର ବାର୍ଷିକ ଯୋଜନା ବୈଠକ ଗୁରୁବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ମହାନ ବିପ୍ଳବୀ ନେତାଜୀ ସୁବାସ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ଏହି ବୈଠକରେ ଅନୁଷ୍ଠାନର ସଭାପତି ଅଶ୍ୱିନୀ କୁମାର ପତି ସଭାପତିତ୍ୱ କରିଥିଲେ । ଚନ୍ଦନ ପ୍ରଧାନ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାଶକ୍ତି ସେବା ସଂସ୍ଥାନର ସଭାପତି ନିରୁପମା ମିଶ୍ର, ମୁଖ୍ୟବକ୍ତା ଭାବେ ବରିଷ୍ଠ ଯୋଗ ଶିକ୍ଷକ ନିର୍ମଳ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ବିଭୁତି ଭୂଷଣ ସାହୁ ଓ ନନ୍ଦିନୀ ବାରିକ ଉପସ୍ଥିତ ଥିଲେ । ଯୋଗ ଚିକିତ୍ସା ପରିବାର ଦ୍ୱାରା ପତ୍ରବାଚନ ଏବଂ ଯୋଗାଚାର୍ଯ୍ୟମାନଙ୍କ ଦ୍ୱାରା ଯୋଗାସନ ପ୍ରତିଯୋଗିତା କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏଥିରେ ପ୍ରତ୍ୟେକ ବ୍ଲକରୁ ୮୦ଜଣ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସମସ୍ତଙ୍କୁ ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ସମ୍ମାନରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଚିନ୍ତାମଣୀ ନାଥ, ସବିତା ତ୍ରିପାଠୀ, ନିକିତା ପଟ୍ଟନାୟକ, ବିଭୁ ପ୍ରସାଦ ଶତପଥୀ, ଶୁଭ୍ରାଂଶୁ ସାମନ୍ତ, ରୁପକ ମିଶ୍ର, ଚିନ୍ତାମଣୀ ମହାନ୍ତି, ମିନତୀ ମହାରାଜ, ମିତାଲି ମନସ୍ୱିତା ସାହୁ ପ୍ରମୁଖ ଯୋଗଦେଇଥିଲେ । ମୋନାଲିସା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଦୁଦୁରୁକୋଟ ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ

**ସାତମାଇଲ, ୨୪।୧ (ସୁଶାନ୍ତ ପତି)**

ହିନ୍ଦୋଳ ଉପଖଣ୍ଡ ଦୁଦୁରୁକୋଟ ପଞ୍ଚାୟତ ଅନ୍ତର୍ଗତ ଦୁଦୁରୁକୋଟ ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି । ପ୍ରଧାନ ଶିକ୍ଷକ ବିରଞ୍ଚିନାରାୟଣ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଜିଲା ପରିଷଦ ସଦସ୍ୟ ସୁମନ୍ତ କୁମାର ଦେହୁରି ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଦିବାକର ପଟନାୟକ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥିଭାବେ ଢେଙ୍କାନାଳ ଏମପି ରୁଦ୍ରନାରାୟଣ ପାଣିଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ସରପଞ୍ଚ ମନୋଜ ବେହେରା, ସିଆରସିସି ଜିତେନ୍ଦ୍ର ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ମିଶ୍ର, ଶିକ୍ଷାବିତ କବିରାଜ ନାଏକ ଓ ଜଗଦୀଶ ନାୟକ ପ୍ରମୁଖ ଯୋଗଦେଇ ଶିକ୍ଷାକୁ ବିକାଶ ମନ୍ତ୍ର ଏବଂ ଶୃଙ୍ଖଳିତ ଭାବେ ପାଠପଢାକୁ ଧ୍ୟାନ ଦେଇ ନିଜ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ବିକଶିତ କରାଇ ପ୍ରତ୍ୟେକ ଜଣେ ଜଣେ ଆଦର୍ଶ ନାଗରିକ ହୋଇ ସମାଜ କଲ୍ୟାଣରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ । ଶିକ୍ଷକ ପ୍ରୋଦକ୍ଷ ସାହୁ ମଞ୍ଚ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ବ୍ରହ୍ମାନନ୍ଦ ସେଠୀ, ମଳୟ ପ୍ରଧାନ, ଶିକ୍ଷୟତ୍ରୀ ଝରଣା ଗଡନାୟକ, ନିରୁପମା ମହାପାତ୍ର, ସୁକାନ୍ତି ସାହୁ, ଦେବଯାନୀ ପଟନାୟକ ଓ ମାନସୀ ଦାସ ପ୍ରମୁଖଙ୍କ ସହଯୋଗରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।



## କନ୍ୟା ସୁରକ୍ଷା ସଚେତନତା ରଥ ଶୁଭାରମ୍ଭ



**ଢେଙ୍କାନାଳ,୨୪।୧(ରତନ ନାୟାର)**

ଜାତୀୟ କନ୍ୟା ସନ୍ତାନ ଦିବସ ଉପଲକ୍ଷେ ଏକ ସଚେତନତା ରଥ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ସୁପରିଟେଣ୍ଡେଣ୍ଟ ଡା. ରଞ୍ଜନ କୁମାର ସାମଲଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି । ସମାଜରୁ ଲିଙ୍ଗଗତ ବୈଷମ୍ୟକୁ ଦୂର କରିବା ସହ କନ୍ୟା ସନ୍ତାନଙ୍କ ସୁରକ୍ଷା ପାଇଁ ପ୍ରତିବର୍ଷ ଜାନୁଆରୀ ୨୪ ତାରିଖରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଥାଏ । ଏହି ରଥଟି ଜିଲାର ସମସ୍ତ ୮ଟି ବ୍ଲକର ବିଭିନ୍ନ ଗ୍ରାମ ବୁଲି କନ୍ୟା ସୁରକ୍ଷାର ବାର୍ତ୍ତା ବାଣ୍ଟିବ । ବର୍ତ୍ତମାନ କନ୍ୟା ସନ୍ତାନମାନଙ୍କର ଆନୁପାତିକ ହାର ଦିନକୁ ଦିନ ଉଦ୍‌ବେଗଜନକ ଭାବେ କମ୍ ହେଉଥିବାରୁ ଏହା ସମାଜ ପାଇଁ ଚିନ୍ତାର କାରଣ ପାଲଟିଛି । ଏହାପରେ ସ୍ଥାନୀୟ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଦେବୀ ପ୍ରସାଦ ମିଶ୍ରଙ୍କ ସମେତ ଶିକ୍ଷୟିତ୍ରୀ ଅନୁପମା ମିଶ୍ର ଓ ଦିପ୍ତିଶ କୁମାର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲା ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ପରିଚାଳକ ସୋନାଲି ପ୍ରିୟଦର୍ଶିନୀ, ଜିଲା ସଂପ୍ରସାରଣ ଅଧିକାରୀ ଭାରତୀ ପଟ୍ଟନାୟକ, ସହକାରୀ ପରିଚାଳକ (ପ୍ରଶିକ୍ଷଣ) ସଂଗ୍ରାମ କୁମାର ଷଡଙ୍ଗୀ, ସହକାରୀ ପରିଚାଳକ(ଆଇନ ବ୍ୟାପାର) ନିରୋଦ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ମତଦାତା ସଂକଳ୍ପ ଦିବସ ପାଳିତ



ମତଦାତା ସଂକଳ୍ପ ଦିବସ ପାଳନ ଅବସରରେ ଶପଥପାଠ ।

**ଢେଙ୍କାନାଳ,୨୪।୧(ରତନ ନାୟାର)**

ଢେଙ୍କାନାଳ ସହରସ୍ଥିତ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରତୀୟ ନିର୍ବାଚନ କମିଶନଙ୍କର ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ତତ୍ତ୍ୱାବଧାନରେ ଶପଥପାଠ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ଶପଥପାଠ କରିଥିଲେ। ଶାନ୍ତିପୂର୍ଣ୍ଣ ଭାବରେ ନିର୍ଭିକ ଭାବେ ବିନା ପ୍ରଲୋଭନରେ ଭୋଟ୍ ସାବ୍ୟସ୍ତ କରିବାକୁ ଆହ୍ୱାନ ଦିଆଯାଇଥିଲା ।

## ଜନତା ମହାବିଦ୍ୟାଳୟର ୪୬ ତମ ବାର୍ଷିକୋତ୍ସବ



**ସାତମାଇଲ,୨୪।୧ (ସୁଶାନ୍ତ ପତି)**

ହିନ୍ଦୋଳ ଉପଖଣ୍ଡ ସାତମାଇଲ ସ୍ଥିତ ଜନତା ମହାବିଦ୍ୟାଳୟ ପରିସରରେ ବୁଧବାର ମହାବିଦ୍ୟାଳୟର ୪୬ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଡ. ପୁଷ୍ପରାଣୀ ନାଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସ୍କୃତିକ କମିଟି ଉପାଧକ୍ଷ ଡ. ନରେଶ କୁମାର ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ପ୍ରଥମେ ସ୍ୱାଗତ ସଂଗୀତ ଗାନ ପରେ ଅଧକ୍ଷା ଶ୍ରୀମତୀ ନାଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଛାତ୍ରୀଛାତ୍ର ଶୃଙ୍ଖଳିତ ଭାବେ ଶିକ୍ଷାକୁ ଆହରଣ କରି ପ୍ରତ୍ୟକ ନିଜ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ସହ ସମାଜରେ ପ୍ରତ୍ୟକ ଜଣେ ସୁନାଗରିକ ହେବାକୁ ପରାମର୍ଶ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ମୁଖପତ୍ର 'ଆରଣ୍ୟକ'ର ଶୁଭ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଇଂଲିଶ ବିଭାଗ ଅଧାପିକା ସୋନା ନାଏକ ସଂଯୋଜନା କରିଥିବା ସମୟରେ ଓଡିଆ ବିଭାଗ ଅଧାପକ ଅମିତ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ କଏଲ, ତେଲ ଚୋରି

**ଭୁବନଲ, ୨୪।୧(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ଥାନା ଅଞ୍ଚଳରେ ଦିନକୁ ଦିନ ବିଦ୍ୟୁତ ଟ୍ରାନ୍ସଫର୍ମର ଓ ସରଞ୍ଜାମ ଚୋରି ବଢ଼ିବାରେ ଲାଗିଛି। କିଛିଦିନ ତଳେ ରାମକୃଷ୍ଣପୁର, ଦୟଣାବିଲ ଏବଂ ଭୁବନ ବିଦ୍ୟୁତ ଭାଗ କାର୍ଯ୍ୟାଳୟ ଟ୍ରାନ୍ସଫର୍ମର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଗୁରୁବାର ରାତିରେ ଭୁବନ ଥାନା ଗବଗୋଡା ଗ୍ରାମ ନିକଟରେ ଥିବା ତ୍ରିଶକ୍ତୀ ରାଇସମିଲ ନିକଟରେ ଥିବା ୫୦୦ କେଭି ଟ୍ରାନ୍ସଫର୍ମର ଭାଙ୍ଗି କଏଲ ଓ ତେଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ରାତି ପ୍ରାୟ ୧୧ଟାରୁ ସକାଳ ପର୍ଯ୍ୟନ୍ତ ବିଦ୍ୟୁତ ନ ଆସିବାରୁ ରାଇସମିଲର କର୍ମଚାରୀ ଟ୍ରାନ୍ସଫର୍ମର ନିକଟକୁ ଯାଇ ଦେଖିବା ବେଳକୁ ଟ୍ରାନ୍ସଫର୍ମର ନିକଟରେ ତେଲ ଓ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜା ହୋଇ ପଡ଼ିରହିଥିବା ଦେଖିଥିଲେ। କର୍ମଚାରୀମାନେ ମିଲ ମାଲିକଙ୍କୁ ଚୋରି ହୋଇଥିବା ଖବର ଦେଇଥିଲେ। ଏ ନେଇ ଭୁବନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଭୁବନ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦାରଖ କରିଛନ୍ତି।

## ଛାତ୍ରୀଛାତ୍ରଙ୍କ ମଧ୍ୟରେ ସର୍ଜନାତ୍ମକ ଗୁଣର ଅଭିବୃଦ୍ଧି ହେବା ଉଚିତ



ଉପାସନା ଛାତ୍ରୀ ନିବାସର ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ ।

**ଢେଙ୍କାନାଳ,୨୪।୧(ରତନ ନାୟାର)**

### ଉପାସନା ଛାତ୍ରୀ ନିବାସର ବାର୍ଷିକ ଉତ୍ସବ

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାସନା ଛାତ୍ରୀ ନିବାସର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସୁସାହିତ୍ୟିକା ପ୍ରଭାସୀନି ମହାକୁଡ, ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ସର୍ଜନାତ୍ମକ ଗୁଣର ଅଭିବୃଦ୍ଧି ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ପ୍ରଭାତ କୁମାର ବିଶ୍ୱାଳ, ଡିଏସ୍‌ପି ସନ୍ଧ୍ୟାରାଣୀ ବେଉରିଆ ପ୍ରମୁଖ ଯୋଗଦେଇ କର୍ତ୍ତବ୍ୟ ପରାୟଣତା, ଶୃଙ୍ଖଳାଗତ ଜବନର ସୁଫଳ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ. ଚିତ୍ତରଞ୍ଜନ ସାହୁ ସଭାପତି ଅଭିଭାଷଣ ପ୍ରଦାନ କରିଥିଲେ । ସୁପରିଟେଣ୍ଡେଣ୍ଟ ଡ. ମଞ୍ଜୁଲିକା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ଡ. ସୁପ୍ରଭା ମହାରଣା ଓ କନକଲତା ସୋରେନ, ପିଲାମାନଙ୍କୁ ଛାତ୍ରୀ ନିବାସର ନିୟମ ଓ ପରିବେଶ ସ୍ୱଚ୍ଛତା ସମ୍ପର୍କରେ ସୂଚନା ଦେଇଥିଲେ । ଯୁକ୍ତ୩ ବର୍ଷର ଛାତ୍ରୀ ସ୍ୱାଗତିକା ମହାପାତ୍ର ଧନ୍ନବାଦ ପ୍ରଦାନ କରିଥିଲେ । ଶେଷରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ନେତାଜୀଙ୍କ ଭଳି ରାଷ୍ଟ୍ରଭକ୍ତ ହେବାକୁ ଆହ୍ୱାନ

### ନେତାଜୀ କ୍ଲବର ୫୦ତମ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

**ଢେଙ୍କାନାଳ,୨୪।୧(ରତନ ନାୟାର)**



ନେତାଜୀ କ୍ଲବର ୫୦ତମ ଜୟନ୍ତୀ ଉତ୍ସବ ଉଦଯାପନ ମଞ୍ଚରେ ଅତିଥିମାନେ ।

ଢେଙ୍କାନାଳ ଦେଉଳସାହିର ନେତାଜୀ କ୍ଲବ ନିଜର ୫୦ତମ ଜନ୍ମ ଜୟନ୍ତୀ ଉତ୍ସବ ଅବସରରେ ଦୁଇଦିନ ଧରି ପାଳନ କରୁଥିବା ସୁବର୍ଣ୍ଣ ଜୟନ୍ତୀ ସମାରୋହ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଶୁକ୍ରବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ କହିଲେ ଯେ, ନେତାଜୀ ଜଣେ ମହାନ ଜନନାୟକ ଓ ମହାନ ସ୍ୱାଧିନତା ସଂଗ୍ରାମୀ ଥିଲେ । ଦେଶର ସ୍ୱାଧିନତା ପାଇଁ ସେ ସମସ୍ତଙ୍କୁ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ । ତାଙ୍କ ଭଳି ଜଣେ ରାଷ୍ଟ୍ରଭକ୍ତ ହେବା ପାଇଁ ମୁଖ୍ୟ ଅତିଥି ଯୁବକମାନଙ୍କୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା କହିଲେ ଯେ, ବର୍ତ୍ତମାନର ସରକାର ଲୋକମାନଙ୍କର ସରକାର । ରାଜ୍ୟ ସରକାର ସମସ୍ତ ପିଢିର ଲୋକମାନଙ୍କ ପାଇଁ ଅହରହ ବିକାଶମୂଳକ କାର୍ଯ୍ୟ ଜାରି ରଖିଛନ୍ତି । ଏହାର ସମସ୍ତେ ସୁଯୋଗ ନିଅନ୍ତୁ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜସେବୀ ତଥା ମିଳିତବଜାର ପୂଜା କମିଟି ସଭାପତି ରାମଚନ୍ଦ୍ର ପାତ୍ର କହିଲେ ଯେ, ଢେଙ୍କାନାଳର ନେତାଜୀ କ୍ଲବ ଏକ ରାଷ୍ଟ୍ରବାଦୀ ସଂଗଠନ । ଏହି କ୍ଲବର ଏକତା ବାସ୍ତବିକ ପ୍ରଶଂସନୀୟ। ସମାଜସେବୀ କ୍ଷେତ୍ରରେ ଏକ ପ୍ରମୁଖ ଅନୁଷ୍ଠାନ ଭାବେ ସମଗ୍ର ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ନେତାଜୀ କ୍ଲବ ଢେଙ୍କାନାଳର ଏକ ମଉଡମଣୀ କ୍ଲବ ବୋଲି ସେ କହିବା ସହିତ ଢେଙ୍କାନାଳ ବିକଶୀତ ହେଲେ ଓଡିଶା ବିକଶୀତ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଗଁଦିଆ ବ୍ଲକ ଅଧକ୍ଷା ରୀନାରାଣୀ ଖଟୁଆ, ସଦର ବ୍ଲକ ଅଧକ୍ଷ କାଳନ୍ଦି ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ । ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ଭଞ୍ଜ ଉତ୍ସବରେ ସଭାପତିତ୍ୱ କରିଥିଲେ । ସମ୍ପାଦକ ବସନ୍ତ କୁମାର ସାମଲ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅମରେନ୍ଦ୍ର କୁମାର ସାମଲଙ୍କ ସମେତ ଢେଙ୍କାନାଳ ପୌରସଂସ୍ଥାର ସଫେଇ କର୍ମଚାରୀ ଜଗନ୍ନାଥ ନାଏକ ଓ ବିକାଶ ନାଏକ ପ୍ରମୁଖଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ହୃଦୟାନନ୍ଦ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ଓ ସିମରନ ଦାସ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ ।

# ଜିଲାପାଳଙ୍କ ଅଫିସ ଘେରିଲେ ବିଦ୍ୟୁତ୍ ଉପଭୋକ୍ତା

## ପ୍ରିପେଡ୍ ସ୍ମାର୍ଟ ମିଟର ବସାଇବା ନିଷ୍ପତ୍ତି ବାତିଲ ଦାବି



ଏଆଇଇସିଏ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଅନୁଗୋଳ,୨୪।୧(ମାନସ ବିଶ୍ୱାଳ)

ପ୍ରିପେଡ୍ ସ୍ମାର୍ଟ ମିଟର ବସାଇବା ନିଷ୍ପତ୍ତି ବାତିଲ ଦାବିରେ ଅଲ୍ ଇଣ୍ଡିଆ ଇଲେକ୍ଟ୍ରିସିଟି କଞ୍ଜୁମର୍ସ ଆସୋସିଏଶନ୍ (ଏଆଇଇସିଏ) ଅନୁଗୋଳ ଜିଲା ଶାଖା ପକ୍ଷରୁ ଶୁକ୍ରବାର ଶତାଧିକ ଉପଭୋକ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଉପଭୋକ୍ତମାନେ ସ୍ଥାନୀୟ ଗୋପବନ୍ଧୁ ପାର୍କ ଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ପରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ଆବାହକ ତୀର୍ଥବାସୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ରାଜ୍ୟ ଆବାହକ ଜୟସେନ ମେହେର ବକ୍ତବ୍ୟ ଦେଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ଘରେ ପ୍ରିପେଡ୍ ସ୍ମାର୍ଟ ମିଟର ବସାଇବା ନିଷ୍ପତ୍ତି ସମ୍ପୂର୍ଣ୍ଣ ବାତିଲ କରିବା, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରସ୍ତାବ ବାତିଲ, ବିଦ୍ୟୁତ୍ ସଂଶୋଧନ ବିଲ୍-୨୦୨୨ ପ୍ରତ୍ୟାହାର, ଅଧିକ ବିଦ୍ୟୁତ୍ ବ୍ୟବହୃତ ସମୟ (ପିକ୍ ଆୱାର) ପାଇଁ ଅଧିକ ବିଦ୍ୟୁତ୍ ଶୁଳ୍କ ନିର୍ଦ୍ଧାରଣ ପ୍ରସ୍ତାବ ବାତିଲ କରିବା, ବିଦ୍ୟୁତ୍ ଶୁଳ୍କ ଆଦାୟ ନାମରେ ଉପଭୋକ୍ତାଙ୍କ ଉପରେ ଜୁଲୁମ୍ ବନ୍ଦ କରିବା, ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ଦେୟମୁକ୍ତ ବିଦ୍ୟୁତ୍ ଯୋଗାଇଦେବା ଆଦି ଦାବି କରିଥିଲେ। ପରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କୁ ସାକ୍ଷାତ କରି ରାଜ୍ୟ ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ସର୍ବଭାରତୀୟ କମିଟି ସଭ୍ୟ ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ହେମନ୍ତ କୁମାର ଦାସ, ପଠାଣୀ ବାରିହା, ତ୍ରିଲୋଚନ ଜେନା, ଅଭିମନ୍ୟୁ ସ୍ୱାଇଁ, ଦୁର୍ଯ୍ୟୋଧନ କର, ଜେନାମଣି ରାଉତ, ଦାମୋଦର ଦାସ, ରମେଶ ଚନ୍ଦ୍ର ସାହୁ, ବେଣୁଧର ପ୍ରଧାନ, ନିରୋଦ ଚନ୍ଦ୍ର ପାଳ, ସଞ୍ଜୟ ସାହୁ, ଦୁଃଖିଶ୍ୟାମ ମଲ୍ଲିକ, ପଦ୍ମନାଭ ସାମଲଙ୍କ ସମେତ ଶତାଧିକ ଉପଭୋକ୍ତା ଅଂଶଗ୍ରହଣ କରିଥିଲେ।

## ତାଳଚେର ସହରରେ ପଶିଲେ ହାତୀପଲ

ତାଳଚେର, ୨୪।୧ (ମନୋଜ ନନ୍ଦ)

ତାଳଚେର ପୌରପରିଷଦ ୧୬ ନମ୍ବର ୱାର୍ଡ ଗୋପୀନାଥପୁର ଗ୍ରାମରେ ଗୁରୁବାର ରାତିରେ ଏକ ହାତୀପଲ ପଶି କ୍ଷୟକ୍ଷତି କରିଥିବା ଅଭିଯୋଗ ହୋଇଛି। ଏହି ହାତୀପଲ ଢେଙ୍କାନାଳ ଜିଲା ପରଜଙ୍ଗ ଅଞ୍ଚଳରୁ ବ୍ରାହ୍ମଣୀନଦୀ ପାର ହୋଇ ଗୋପୀନାଥପୁର ପହଞ୍ଚିଥିଲେ ବୋଲି ଶୁଣାଯାଉଛି। ଅଞ୍ଚଳବାସୀ ହାତୀପଲକୁ ଦେଖି ଭୟଭୀତ ହୋଇପଡ଼ିଥିଲେ। ଏହି ହାତୀପଲ ସହରମୁହାଁ ହୋଇଥିବାରୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତୁରନ୍ତ ହାତୀ ଘଉଡ଼ାଇବାକୁ ସାଧାରଣରେ ଦାବି ହେଉଛି।

## ବୃଦ୍ଧଙ୍କ ମୃତଦେହ ଜବତ

ତାଳଚେର,୨୪।୧(ମନୋଜ ନନ୍ଦ)- ତାଳଚେର ଟାଉନ ଥାନା ପବିତ୍ରମୋହନ ଛକ ନିକଟସ୍ଥ ରେଙ୍ଗାଳି ଦକ୍ଷିଣକେନାଲ ରାସ୍ତାରୁ ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ବୟସ ପ୍ରାୟ (୬୫)ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

# ପାଉଁଶ ବନ୍ଧ ନିର୍ମାଣ ବନ୍ଦ ଦାବିରେ ଆନ୍ଦୋଳନ


ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯାଉଛି।

ତାଳଚେର,୨୪।୧ (ମନୋଜ ନନ୍ଦ)/ ପବିତ୍ରନଗର (ନିରୋଜ ପ୍ରଧାନ)

ବିସ୍ଥାପନ କର ନଚେତ ଏନ୍‌ଟିପିସି ପାଉଁଶ ବନ୍ଧ ବନ୍ଦ କର। ଏହି ଦାବି ନେଇ କଣିହାଁ ବ୍ଲକ ଡେରଙ୍ଗ ଗ୍ରାମବାସୀ ବାରଘରିଆ ତଇଲା ପାଖରେ ଶୁକ୍ରବାର ସକାଳେ ଧାରଣା ଦେବା ସହ ଏନ୍‌ଟିପିସି ଷ୍ଟେଜ -୨ ପାଉଁଶ ବନ୍ଧର କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। ଗ୍ରାମ ସଭାପତି ପ୍ରସନ୍ନ ନାୟକ, ସମ୍ପାଦକ ସୁଜିତ ସାହୁ ଓ କୋଷାଧ୍ୟକ୍ଷ ଦୀପକ ବେହେରାଙ୍କ ନେତୃତ୍ୱରେ ଗ୍ରାମର ସହସ୍ରାଧିକ ମହିଳା ପୁରୁଷ ଶୋଭଯାତ୍ରାରେ ଆସି ଧାରଣାସ୍ଥଳରେ ପହଞ୍ଚିଥିଲେ।

ଗ୍ରାମବାସୀ କହିଛନ୍ତି, ଗ୍ରାମର ସମସ୍ୟା ସମ୍ପର୍କରେ ୧୩ ଜୁଲାଇ ୨୦୧୮ରେ ଅନୁଷ୍ଠିତ ଆର୍‌ପିଡିଏସି ବୈଠକରେ ଆଲୋଚନା ହୋଇଥିଲା। ୨୦୨୨ ମସିହା ସୁଦ୍ଧା ଷ୍ଟେଜ -୨ ପାଉଁଶ ପୋଖରୀ ବନ୍ଦ ହେବ ନଚେତ ଗ୍ରାମବାସୀଙ୍କୁ ବିସ୍ଥାପିତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ପାଉଁଶ ପୋଖରୀ କାର୍ଯ୍ୟ ବନ୍ଦ କରାଯାଇ ନାହିଁ। ଫଳରେ ଗ୍ରାମବାସୀ ଏନ୍‌ଟିପିସି ପାଉଁଶରେ ଅତିଷ୍ଠ ହେଉଛନ୍ତି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଗତ ୩ ତାରିଖରେ ପ୍ରଶାସନକୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା। ପରେ ଏନ୍‌ଟିପିସି ପକ୍ଷରୁ ୯ ତାରିରେ ଗ୍ରାମବାସୀଙ୍କୁ ନେଇ ଆଲୋଚନା କରାଯାଇଥିଲା । ଆଲୋଚନାରେ କୌଣସି ସୁଫଳ ନ ମିଳିବାରୁ ଅନ୍ୟ ଏକ ବୈଠକ କରି ସମାଧାନ କରାଯିବ ବୋଲି ନିଷ୍ପତ୍ତି ହୋଇଥଲା। ମାତ୍ର ଏନ୍‌ଟିପିସି କର୍ତ୍ତୃପକ୍ଷ ସମସ୍ୟାର କୌଣସି ସମାଧାନ କରୁ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ତାଳଚେରରେ ତ୍ରିରଙ୍ଗା ଶୋଭାଯାତ୍ରା

ତାଳଚେର,୨୪।୧ (ମନୋଜ ନନ୍ଦ)

ମହାନ୍ ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ତାଳଚେରର ବନ୍ଦେ ମାତରମ ଫାଉଣ୍ଡେଶନ ପକ୍ଷରୁ ତ୍ରିରଙ୍ଗ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଙ୍ଗାଧର ନାହାକଙ୍କ ଆବାହକତ୍ୱରେ ବୀର ଶହୀଦମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ମନୋଜ ପ୍ରଧାନ, ବିରଞ୍ଚି ସାହୁ, ବିଭୂତି ସାହୁ, ଗୀତିଶ ପ୍ରଧାନ, ନିରଞ୍ଜନ ପ୍ରଧାନ, ସ୍ୱାଧୀନ ଥମ୍ବ, ଚୈତନ୍ୟ ପ୍ରଧାନଙ୍କ ସମେତ ବହୁ ମହିଳା ଓ ଶତାଧିକ ଯୁବଗୋଷ୍ଠୀ ଯୋଗଦେଇ ସଫଳ କରିଥିଲେ।



# ଗଜସାଥୀ, ଗଜମିତ୍ର ତାଲିମ ଶିବିର


ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ବନରକ୍ଷୀ, ବନପାଳ, ସ୍କାଡ୍‌ମେମ୍ବରମାନେ।

ବନ୍ତଲା,୨୪।୧ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଗଜସାଥୀ ଓ ଗଜମିତ୍ର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ବନ୍ତଲା ବନପାଳଙ୍କ ଅଫିସଠାରୁ ମନମୋହନ ଛକ ଓ ବନ୍ତଲା ହାଇସ୍କୁଲ ଦେଇ ବନବିଭାଗ ଅଫିସ ପର୍ଯ୍ୟନ୍ତ ଯାଇଥିଲା। ପରେ ବନାଞ୍ଚଳ ଅଧିକାରୀ ନୀଳାଦ୍ରି ନାଥ ସାହୁଙ୍କ ଦ୍ୱାରା ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୨୧୦ ଜଣ ଗଜସାଥୀ ଓ ୫୦ ଜଣ ଗଜମିତ୍ର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଏସିଏଫ ବିଦ୍ୟାସାଗର ଯୋଗଦେଇ 'ଜୀବନ ରକ୍ଷା ହାତୀ ସୁରକ୍ଷା' ଉପରେ ଆଲୋକପାତ କରିଥିଲେ। ହାତୀର ଗତିପଥ ପ୍ରତି ଧ୍ୟାନଦେଇ ହାତୀମାନଙ୍କୁ କିଭଳି କୌଶଳ କ୍ରମେ ଘଉଡ଼ାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇପାରିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ତାଲିମ ଶିବିରରେ ସ୍ନେହା ଏନ୍‌ଜିଓର ଅଧିକାରୀ ଆରବିନ୍ଦ ମାଝୀ, ବନ୍ତଲା ବନାଞ୍ଚଳ ଅଧୀନ ସମସ୍ତ ବନରକ୍ଷୀ, ବନପାଳ, ସ୍କାଡ୍‌ମେମ୍ବର ଯୋଗ ଦେଇଥିଲେ।

# ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

ବଇଣ୍ଡା,୨୪।୧(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ପାଇକସାହି କାଶୀ ବିଶ୍ୱନାଥ ଯୁକ୍ତ ୨ ମହାବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ୧୦୦ ଛାତ୍ରୀ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ସସ୍ମିତା ସାହୁ ପ୍ରଶିକ୍ଷକ ଭାବେ ଯୋଗଦେଇ କିଭଳି ଛାତ୍ରୀମାନେ ବିପଦରୁ ରକ୍ଷାପାଇ ପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଧକ୍ଷ ନିରଞ୍ଜନ ବେହେରା ଯୋଗଦେଇ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ମୁକୁନ୍ଦ ଚନ୍ଦ୍ର ଗଡ଼ତିଆ, ପ୍ରଦୀପ କୁମାର ସାହୁ, ଚିତ୍ରସେନ ପ୍ରଧାନ, ତୃପ୍ତିମଞ୍ଜରୀ ପାତ୍ର, ସରିତା ମଞ୍ଜରୀ ପୃଷ୍ଟି, ଅବନୀକାନ୍ତ ପ୍ରଧାନ, ସୁଜିତ କୁମାର ସାହୁ, ଶ୍ରୀକାନ୍ତ ରାଉତ, ଜଳଧର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ଅତିଥିଙ୍କ ସହ ପ୍ରମାଣପତ୍ର ପାଇଥିବା ଛାତ୍ରୀମାନେ।

# ମତଦାନ ସାବ୍ୟସ୍ତ ନାଗରିକଙ୍କ କର୍ତ୍ତବ୍ୟ

ଆଠମଲ୍ଲିକ,୨୪।୧(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଷୋଳପଦା ସ୍ନାତକ ମହବିଦ୍ୟାଳୟ ପରିସରରେ ରାଜନୀତି ବିଜ୍ଞାନ ଅଧ୍ୟାପକ ସରୋଜ କୁମାର ଦାସଙ୍କ ଅଧକ୍ଷତାରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଅଧ୍ୟାପକ ତରୁଣ କୁମାର ପ୍ରଧାନ, ଅଧ୍ୟାପିକା କଲ୍ୟାଣିରୂପା ମିଶ୍ର, ଅଧ୍ୟାପକ ଟୁକୁନା ପ୍ରଧାନ ଏବଂ ଗ୍ରନ୍ଥାଗରିକ ପ୍ରଜ୍ଞାନରଞ୍ଜନ ସାହୁ ଯୋଗଦେଇ ଗଣତନ୍ତ୍ର ପ୍ରକ୍ରିୟାରେ ମତଦାତା ଅଧିକରୁ ଅଧିକ ସଂଶ୍ଳିଷ୍ଟ ହେବା ସହିତ ମତଦାନ ସାବ୍ୟସ୍ତ କରିବା ନାଗରିକଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି ବକ୍ତବ୍ୟ ରଖିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ଶପଥ ପାଠରେ ଛାତ୍ରୀ ସ୍ୱାଗତିକା ପ୍ରଧାନ, ସ୍ୱିଟଲି ବେହେରା ଏବଂ ଛାତ୍ର ଆକାଶ ପ୍ରଧାନ, ବିସ୍ମୟ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ, ଛାତ୍ରୀଛାତ୍ର ସାମିଲ ହୋଇଥିଲେ।


ଛାତ୍ରୀଛାତ୍ରମାନେ ଶପଥ ପାଠ କରୁଛନ୍ତି।

# ମଦ୍ୟପାନ କରି ଗାଡ଼ି ନ ଚଳାଇବାକୁ ପରାମର୍ଶ



ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଶୋଭାଯାତ୍ରାର ଶୁଭାରମ୍ଭ କରାଯାଉଛି।

ବଇଣ୍ଡା,୨୪।୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ହାଇସ୍କୁଲ ପରିସରରେ ଶୁକ୍ରବାର ଅନୁଗୋଳ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ଶୋଭାଯାତ୍ରା ବାହାରିଥିଲା। ଠାକୁରଗଡ଼ ଥାନା ଆଇଆଇସି ନଟବର ନନ୍ଦ ଓ ଟ୍ରାଫିକ ଇନ୍ସପେକ୍ଟର ସୁମନ୍ତ କୁମାର ସେଠୀ ଅତିଥି ଭବେ ଯୋଗଦେଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଦେହୁରୀ, ଶିକ୍ଷକ ଚିଦାନନ୍ଦ ଦେହୁରୀ, ସନ୍ତୋଷ ପ୍ରାଣୀଗ୍ରାହୀ, ଅନିଲ ମେହେର, ଚାରୁ ବାସିନୀ ସାହୁ, ଲୋପାମୁଦ୍ରା କଅଁର, ବର୍ଷା ସିଂ, ରଶ୍ମୀତା ପ୍ରଧାନ, ବିନତି ମାଝୀ, ନିରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ। ପରେ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଅତିଥି ଯୋଗଦେଇ ମଦ୍ୟପାନ କରି ଗାଡି ନ ଚଳାଇବାକୁ ପରାମର୍ଶ ଦେଇଥିଲେ।


**ଫଟୋରେ ଖବର;** ଅନୁଗୋଳ ଜିଲା ତାଳଚେର ଫାଷ୍ଟଗେଟ୍‌ର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସ ଅବସରରେ ଏହା ଉଦ୍‌ଘାଟନ ହେବାକୁ ଥିବାରୁ ଶିଳ୍ପୀମାନଙ୍କ ଦ୍ୱାରା ଶେଷ ସ୍ପର୍ଶ ଦିଆଯାଉଛି।

# ସଂଗ୍ରାମୀଙ୍କ ଅମର ଗାଥା ଉପରେ ଆଲୋଚନା


କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କର୍ମକର୍ତ୍ତାମାନେ।

ଛେଣ୍ଡିପଦା, ୨୪।୧(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ନଗର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସପୋଇସାହିଠାରେ ସାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ସଂଯୋଜକ ଆଶିଷ କୁମାର ବେହେରା ଉପସ୍ଥିତ ରହି ଭାରତର ବୀର ସଂଗ୍ରାମୀମାନଙ୍କ ଅମର ଗାଥା ଉପରେ ଆଲୋଚନା କରିଥିଲେ। ଓଡ଼ିଶା ପୂର୍ବ ପ୍ରାନ୍ତ ସହ ସଂଯୋଜିକା ରଞ୍ଜୁବାଳା ପ୍ରଧାନ ରାଷ୍ଟ୍ର ପ୍ରତି କୃତଜ୍ଞ ହେବା ପାଇଁ ବାର୍ତ୍ତା ଦେଇଥିଲେଗ। ବାପୁଜୀ ଏକାଡେମୀ ଅଧାପିକା ସ୍ମୃତିଶିଖା ପ୍ରଧାନ, ଛେଣ୍ଡିପଦା ନଗର ସମ୍ପାଦକ ଜଗନ୍ନାଥ ସାହୁ, ସହ ପ୍ରମୁଖ ସୁବ୍ରତ କୁମାର ସାହୁ, ଜ୍ୟୋତିଶ୍ରୀ ନାଥ, ଦୀପ୍ତିମୟୀ ବେହେରା, ସ୍ୱୟଂଶ୍ରୀ ନାୟକ, କାଜଲ ସାହୁ, ଶିବାନୀ ଦାସ, ଶୁଭମ ବେହେରା, ସଚିନ ସାହୁ, ଗୋବିନ୍ଦ ଗୋଛାୟତ, ଉପମା ନାଏକ, ଶୁଭସ୍ମିତା ଗଡନାୟକ, ଲୁସି ସାହୁ, ତୃପ୍ତି ମଞ୍ଜରୀ ଦେହୁରୀ, ସ୍ଥିତିପ୍ରଜ୍ଞା ଗଡ଼ନାୟକ, ରାଇନ ବାରିକ, ପୁଜାଲି ବାରିକ, ଗାୟତ୍ରୀ ସାହୁ, ବିଦେଶୀ ବେହେରା, ସୁଭଦ୍ରା ସୁହାଲିକା ସାମଲଙ୍କ ସମତେ ଅନେକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ଛେଣ୍ଡିପଦା,୨୪।୧ (ଅଜିତ ଧଳ)

ଅନୁଗୋଳ-ଛେଣ୍ଡିପଦା ୬୩ ନଂ. ରାଜ୍ୟ ରାଜପଥର ଛେଣ୍ଡିପଦା ଥାନା କୁକୁରପେଟା ଡ୍ୟାମ୍ ନିକଟରେ ଶୁକ୍ରବାର ସକାଳେ ଏକ ଟ୍ରକ୍ (ନଂ. ଓଡି୧୯ଏମ୍-୬୪୧୯)ଧକ୍କାରେ ବାଇକ୍ ଚାଳକ ବାଗଡ଼ିଆ ଥାନା ପୁରୁଣାଗଡ଼ ଗ୍ରାମର ଶୀତଳ ପ୍ରଧାନ ଗୁରୁତର ହୋଇଛନ୍ତି। ଶୀତଳ ତାଙ୍କ ମୋଟର ସାଇକେଲରେ ଘରୁ ଅନୁଗୋଳ ଅଭିମୁଖେ ଯାଉଥିବାବେଳେ ରାଜ୍ୟ ରାଜପଥର



କୁକୁରପେଟା ଡ୍ୟାମ୍ ନିକଟସ୍ଥ ହମ୍ପ ସରେ ପଛରୁ ଆସୁଥିବା ଟ୍ରକ୍ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଶିତଳଙ୍କୁ ଉଦ୍ଧାର କରି ଛେଣ୍ଡିପଦା ମେଡିକାଲକୁ ପଠାଇଥିଲେ। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଛି।

# ନେତାଜୀ, ସାଏଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ



ଜୟନ୍ତୀ ପାଳନ ଅବସରରେ ପ୍ରଧାନ ଶିକ୍ଷକଙ୍କ ସହିତ ଅନ୍ୟମାନେ।

ଛେଣ୍ଡିପଦା, ୨୪।୧(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବଡ଼ ମହିତଲାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଛାତ୍ରୀ ଜୟଶ୍ରୀ ସାହୁ, ଅର୍ଚ୍ଚିତା ଭୋଇ, ଶ୍ରେୟାଂଶୀ ପ୍ରଧାନ, ରୂପାଲି ସାହୁ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଉପରେ କବିତା ପାଠ କରିଥିଲେ। ସୀମାରାଣୀ ସାହୁ, ରାଜଶ୍ରୀ ସାହୁ, ସ୍ୱେତାଲିନା ସାହୁ ସମ୍ୟକ ଭାବରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଶୁଭ୍ରାଂଶୁ କୁମାର ଶତପଥୀ ନେତାଜୀ ଏବଂ ଶିକ୍ଷକ ସରୋଜ ଭୂତିଆ ସାଏଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଛାତ୍ର ରିଶିକାନ୍ତ ବେହେରା ଓ ସତ୍ୟପ୍ରକାଶ ଭୂତିଆ ଅଭିନୟ ମାଧ୍ୟମରେ ମନୋରଞ୍ଜନ କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ୪ଟି ହାଉସ ମଧ୍ୟରେ ନେତାଜୀ ଓ ସାଏଙ୍କ ଜୀବନୀକୁ ନେଇ ଏକ ଖୋଲା ମଞ୍ଚ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାଟିକୁ ଶିକ୍ଷୟିତ୍ରୀ ମଧୁମିତା ସାହୁ ପରିଚାଳନା କରିଥିଲେ। ବିବେକାନନ୍ଦ ହାଉସ ପ୍ରଥମ ସ୍ଥାନ ଅଧିକାର କରି ପ୍ରଧାନ ଶିକ୍ଷକଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ଶିକ୍ଷକ ଦେବବ୍ରତ ପଣ୍ଡା, ଅକ୍ଷୟ କୁମାର ନାୟକ, ପ୍ରଦ୍ୟୁମ୍ନ କୁମାର ଜେନା, ସୋମନାଥ ବେହେରା, କୃଷ୍ଣ କୁମାର ଦାସ, ଚିତ୍ତରଞ୍ଜନ ଓଝା, ସ୍ମିତାରାଣି ଖିଲରୀ, ଦୀପ୍ତିରେଖା ଦାସ, ସୁଶ୍ରୀ ଏରିକ ଏମ୍ବ୍ରୋମା, ଜୁଲି ପାଣି ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

